# Akashvani, Sambalpur

## SAMBALPURI NEWS BULLETIN

### 5 April 2025- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଗୁଟେ ସମ୍ଭାବନାର୍ ଜିଲ୍ଲା ଆଏ ଆଉ ଇନ ୯୦ ପ୍ରତିଶତ୍ ଜମିକେ ଜଲ୍‌ସେଚନ୍ ସୁବିଧା କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ୨ ଦିନିଆ ନୂଆପଡ଼ା ଗସ୍ତର୍ ପହେଲା ଦିନେ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମାରାଗୁଡ଼ା ମହୋତ୍ସବ୍‌ଥି ଯୋଗ୍ ଦେବାର୍ ସହେତେ ଜିଲ୍ଲାର୍ ଭିତିଭୂମି ବିକାଶ୍ ଲାଗି ୩ ଶହ ୨୨ କୋଟି ଟଙ୍କାର୍ ୬୩ ଟା ପ୍ରକଳ୍ପ ଶିଲାନ୍ୟାସ୍ ଆଉ ନିହି ପକେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଓଡ଼ିଆ ପକ୍ଷ- ଗଣଦୌଡ଼ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ପକ୍ଷ -୨୦୨୫ ପାଳନର ୫ ନମ୍ବର୍ ଦିନେ ଆଏଜ୍ ରାଜ୍ୟ କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍ ତର୍ଫୁ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜନ୍ କରାଯାଇଛେ । ଭୁବନେଶ୍ୱର ଖଣ୍ଡଗିରିଠାନୁ ସଖାଲର୍ ସାଢ଼େ ୫ ବଜେନୁ ଇ ଗଣଦୌଡ଼ ବାହାରିଛେ । କାର୍ଯ୍ୟକ୍ରମଥି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇଛନ୍ । ସେଆଡ଼େ ଗଲାକାଏଲ୍ ଓଡ଼ିଆ ପକ୍ଷ ପାଳନ୍ ଅବ୍‌ସରେ ସାରାରାଏଜେ ଓଡ଼ିଆଥି ନାମଫଳକ୍ ଲେଖ୍‌ବାର୍ ଲାଗି ସଚେତନତା ପଦଯାତ୍ରା ହେଇଯାଇଛେ ।

ଜେ.ପି. ନଡ୍ଡା-ଓଡ଼ିଶା                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୧ ତାରିଖ୍ ଦିନ ରାଏଜେ ମୁଲ୍ ହେବା ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଆଉ ବିଜେପିର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ୍ ନଡ୍ଡା ଇତାର୍ ଶୁଭାରମ୍ଭ କର୍‌ବେ । ଆଏବା ୧୦ ତାରିଖ୍ ଦିନ ବେଲ୍‌ବୁଡ଼େ ଶ୍ରୀ ନଡ୍ଡା ଓଡ଼ିଶା ଆସ୍‌ବେ ବଲି ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍ ସୂଚ୍‌ନା ଦେଇଛନ୍ । ରାଏଜେ ଆୟୁଷ୍ମାନ୍ ଭାରତ୍ ଆଉ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ମିଲିତ୍ ଭାବେ ଲାଗୁ ହେବା । ଇଥି

ରାଜ୍ୟର୍ ପାଖାପାଖି ୩ କୋଟି ୪୬ ଲାଖ୍ ଲୋକ୍ ଲାଭ୍ ପାଏବେ । ଇ ଯୋଜ୍ନା ଅଧୀନ୍ଥି ସବୁ ପରିବାର୍ ବଛର୍କ ୫ ଲାଖ୍ ଆଉ ମହିଳାମାନେ ଅଏତ୍କା ୫ ଲାଖ୍ ଟଙ୍କାର୍ କେସ୍‌ଲେସ୍ ଚିକିତ୍ସା ସୁବିଧା ପାଏବେ । ଦେଶର୍ ୨୯ ହଜାର୍ ଘରୋଇ ଆଉ ସର୍କାରୀ ହାସ୍‌ପାତାଲ୍ ନ ଇ ଯୋଜ୍ନାର୍ ଚିକିତ୍ସା ସୁବିଧା ମିଲିପାର୍‌ବା ।

ସଚିବ ସ୍ତରୀୟ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ସବୁ ବିଭାଗ୍‌ର ସଚିବ ମାନ୍‌କୁ ନେଇକରି ଗୁଟେ ବୈଠକ୍ ହେଇଯାଇଛେ । ବିକଶିତ୍ ଭାରତ୍ ଲାଗି ବିକଶିତ୍ ଓଡ଼ିଶା ୨୦୩୬ ଆଉ ୨୦୪୭ ବାବ୍‌ଦେ ବୈଠକ୍‌ଥି ସମୀକ୍ଷା କରାଯାଇଥିଲା । ଇ ଆର୍ଥିକ୍ ବଛ୍‌ରେ ଭିନ୍ ଭିନ୍ ବିଭାଗ୍‌ର ବଜେଟ୍ ବ୍ୟୟବରାଦ୍ ଅନ୍‌ସାରେ ଖର୍ଚ୍ଚା କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା ହେଇଥିଲା । ଇତାର୍‌ସହେତେ ୨୦୨୪-୨୫ ବଛ୍‌ରେ କେନ୍ଦ୍ରୀୟ ଅନୁଦାନ୍ ପ୍ରାପ୍ତି ବାବ୍‌ଦେ ହେଇଥିବା ଖର୍ଚ୍ଚା ଆଉ ବିନିଯୋଗ୍ ପ୍ରମାଣ୍‌ପତ୍ର ଦେବାର୍‌କେ ଗୁରୁତ୍ୱ ଦିଆଯାଇଥିଲା । ଇତାର୍ ସହେତେ ଜନଶୁଣାଣି ପ୍ରକ୍ରିୟାର୍

ସୁବ୍ୟବସ୍ଥା, ଅଭିଯୋଗ୍ ସମାଧାନ୍ ପ୍ଲାଟ୍‌ଫର୍ମକେ ସରଲ୍ ଆଉ ସୁବିଧାଜନକ୍ କର୍‌ବାର୍ ବାବ୍‌ଦେ ଭିଲ୍ ବୈଠକ୍‌ଥି ଆଲୋଚନା ହେଇଛେ ।

ପରିସଂଖ୍ୟାନ ବିଭାଗ୍-ବିଶ୍ୱବେଙ୍କ୍ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ପରିସଂଖ୍ୟାନ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ବିଶ୍ୱ ବ୍ୟାଙ୍କ୍‌ର ବୈଷୟିକ୍ ଟିମ୍ ଭୁବନେଶ୍ୱରଠାନେ ରାଜ୍ୟ ଅର୍ଥନୀତି ଆଉ ପରିସଂଖ୍ୟାନ୍ ନିର୍ଦ୍ଦେଶାଳୟର ଅଧିକାରୀମାନଙ୍କର୍ ସଙ୍ଗେ ଆଲୋଚନା କରିଛନ୍ । ଦୁଇଦିନିଆ ବୈଠକ୍‌ଥି ଓଡ଼ିଶାନ ପରିସଂଖ୍ୟାନ୍ ଭିତିକ୍ ତଥ୍ୟ ଇକୋସିଷ୍ଟମ୍‌ର ବିକାଶ କର୍‌ବାର ଦିଗ୍‌କେ ଜୋର୍ ଦିଆଯାଇଥିଲା । ଗୁଟେ ବର୍‌କସ୍ ପରିସଂଖ୍ୟାନ୍ ବ୍ୟବସ୍ଥା ଲାଗି ଅତ୍ୟାଧୁନିକ୍ ଜ୍ଞାନ କୌଶଳ ଅପ୍‌ନାବାର୍‌କେ ବିଶ୍ୱ ବ୍ୟାଙ୍କ ଦଲ୍ ଇ ଅବ୍‌ସରେ ପରାମର୍ଶ ଦେଇଛନ୍ ।

ଏମ୍.ଆର୍. ସାମ୍ କ୍ଷେପଣାସ୍ତ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରତିରକ୍ଷା ଗବେଷଣା ଆଉ ବିକାଶ ସଂଗଠନ୍ - ଡିଆର୍‌ଡିଓ ଆଉ ଭାରତୀୟ ସେନା ତର୍‌ଫୁ ଏପ୍ରିଲ୍ ୩ ଆଉ ୪ ତାରିଖ୍ ଦିନ ଧାମ୍‌ରା ନ ଥିବା ଅବ୍‌ଦୁଲ୍ କଲାମ୍ ଦ୍ୱୀପନୁ ସ୍ଥଲଭାଗ୍‌ନୁ ଆକାଶ୍‌କେ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର ଏମ୍.ଆର୍. ସାମ୍ ର ୪ ଟା ସଫଲ୍ ପରୀକ୍ଷଣ୍ ହେଇଛେ । ଇ ସବୁକେ ଡିଆର୍‌ଡିଓ ଆର୍ ଇସ୍ରାଏଲ୍ ଏରୋସ୍ପେସ୍ ଇଣ୍ଡିଷ୍ଟ୍ରିଜ୍ ତର୍‌ଫୁ ବିକଶିତ୍ କରାଯାଇଛେ । ଭାରତୀୟ ସେନାଥି ବେଭାର୍ ଲାଗି ଇ କ୍ଷେପଣାସ୍ତ୍ର ତିଆର୍ କରାଯାଇଛେ ବଲି ଡିଆର୍‌ଡିଓ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇତାର୍ ସଫଲ୍ ପରୀକ୍ଷଣ୍ ଲାଗି ଡିଆର୍‌ଡିଓ, ଭାରତୀୟ ସେନା ଆଉ ପ୍ରତିରକ୍ଷା ଉଦ୍ୟୋଗ୍‌କେ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଅଭିନନ୍ଦନ୍ ଜନେଇଛନ୍ ।

ସିବିଏସ୍‌ଇ- ନୂଆଁ ପାଠ୍ୟକ୍ରମ୍        ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ୍-ସିବିଏସ୍‌ଇ ତର୍‌ଫୁ ଇ ଶିକ୍ଷା ବଛର୍ ୧୦ ଆଉ ୧୨ ଶ୍ରେଣୀର୍ ଲାଗି ନୂଆଁ ପାଠ୍ୟକ୍ରମ୍ ଘୋଷ୍‌ନା କରାଯାଇଛେ । ପାଠ୍ୟକ୍ରମ୍‌ଥି ଦକ୍ଷତା ସମ୍ପନ୍ନ ଶିକ୍ଷା ସୁଯୋଗ୍‌କେ ବ୍ୟାପକ୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ସିବିଏସ୍‌ଇର ୧୦ ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି

ପାଠ୍ୟକ୍ରମ୍‌ଥି କମ୍ପ୍ୟୁଟର୍ ଆପ୍ଲିକେସନ୍ ସୂଚନା ପ୍ରଯୁକ୍ତିବିଦ୍ୟା ନାହେତ କୃତ୍ରିମ ବୁଦ୍ଧିମତା- ଏଆଇ ଭିତ୍‌ରୁ ଗୁଟେ ବିଷେକେ ବାଧ୍ୟତାମୂଲକ୍ କରାଯାଇଛେ ।

ରାମ୍‌ନଅମୀ, ହନୁମାନ୍ ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାମ୍‌ନଅମୀ ଆଉ ହନୁମାନ୍ ଜୟନ୍ତୀ ଅବ୍‌ସରେ ସମ୍ବଲ୍‌ପୁର୍ ସହରେ ହେବାର୍‌କେ ଥିବା ବିଶାଲ୍ ଶୋଭାଯାତ୍ରା ଲାଗି ପ୍ରଶାସନ୍ ଆଉ ପୁଲିସ୍ ତର୍‌ଫୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ । ଇ ଅବ୍‌ସରେ ଗଲାକାଏଲ୍ ସହରେ ପୁଲିସ୍ ତର୍‌ଫୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛେ । ବରିଷ୍ଠ ପୁଲିସ୍ ଅଧିକାରୀମାନ୍‌କର୍ ନେତୃତ୍ୱଥି କେନ୍ଦ୍ରୀୟ ଅର୍ଦ୍ଧସାମରିକ୍ ବଳ ଆଉ ରାଜ୍ୟସଶସ୍ତ୍ର ପୁଲିସ୍ ବଳ ସହେତେ ରାପିଡ୍ ଆକ୍ସନ୍ ଫୋର୍ସ ସହର୍ ପରିକ୍ରମା କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ୬ ତାରିଖ୍ତକ୍ କାଲ୍ବୈଶାଖୀର୍ ପ୍ରଭାବ୍ ଜାରି ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ । ତାର୍ ଉତ୍ରୁ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼୍ବା । କାଲ୍ବୈଶାଖୀର୍ ଲାଗି ଗଲାକାଏଲ୍ ରାଜ୍ୟର୍ ପାଖାପାଖ୍ି ସବୁ ଜାଗା ନ ତାପମାତ୍ରା ୩୭ ଡିଗ୍ରୀ ନୁ କମ୍ ରହିଥିଲା ।